ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୫/୨୦୧୮ Rayagada, Wednesday, September 5 / 2018

## ସଂକ୍ଷେପରେ



### ମା' ମଝିଘରିଆଣୀ ମହାରଣା ସଂଘର ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୪।୯:** ରାୟଗଡା ସହରରେ ଥିବା ମା' ମଝିଘରିଆଣୀ ମହାରଣା ସଂଘର ୩୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଆଇନ୍‌ଜୀବୀ ମହେଶ ପଟ୍ଟନାୟକ ସମ୍ମାନିତ ଅତିଥି, ଆଇନ୍‌ଜୀବୀ ସୁନୀଲ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଂଘକୁ କିପରି ସୁଦୃଢ଼ କରାଯିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଅବସରରେ ରାୟଗଡା ସହରର ବୃଦ୍ଧାଶ୍ରମରେ ରହୁଥିବା ୩୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘ ସଭାପତି ଏ.ଜଗନ ମୋହନ, ଉପସଭାପତି ଇ.ପାଲି ରାଜୁ, ସମ୍ପାଦକ ସିଏଚ୍ ସମବାବୁ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

### ନିର୍ବାଚନ ପଞ୍ଜୀକରଣ ନିମନ୍ତେ ତାଲିମ ଶିବିର



**ରାୟଗଡା ଅଫିସ୍,୪।୯:** ରାୟଗଡା ବ୍ଲକ୍ ଅନ୍ତର୍ଗତ ୧୧୨ଟି ବୁଥ୍‌ରେ ନିୟୋଜିତ ବୁଥ୍‌ସ୍ତରୀୟ ଅଧିକାରୀ, ୧୧ଜଣ ସୁପରଭାଇଜରଙ୍କୁ ନେଇ ଏକ ତାଲିମ ଶିବିର ବ୍ଲକ୍ ସଦ୍‌ଭାବନା ଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରବୀର ନାୟକ ଉପସ୍ଥିତ ରହି ଭୋଟରଙ୍କ ନାମ ଶତ ପ୍ରତିଶତ ସାମିଲ କରିବା ସହ ମହାବିଦ୍ୟାଳୟ, ହାଟ, ବଜାରରେ ସଚେତନତା ସୃଷ୍ଟି ନିମନ୍ତେ ଅବଗତ କରାଇଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ବୁଥ୍ ରେଜିଷ୍ଟାରର ପରିଚାଳନା ସହ କର୍ତ୍ତବ୍ୟ ନିଷ୍ଠ ଭାବେ ଜାତୀୟ କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ନିମନ୍ତେ କହିଥିଲେ । ଏସ୍‌ଡିପିଓ ଏସ୍.ଏନ୍ ମହାରଣା, ଶିକ୍ଷକ ନିଳାଞ୍ଚଳ ମିଶ୍ର ବିଭିନ୍ନ ଫର୍ମର ବ୍ୟବହାର, ବୁଥ୍‌ର ସର୍ବନିମ୍ନ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ରାୟଗଡା ବ୍ଲକ୍‌ର ୧୧୨ଟି ବୁଥ୍‌ରେ ମୋଟ ୭୭ହଜାର ୬୪୩ଜଣ ଭୋଟର ଅଛନ୍ତି । ଚଳିତ ବର୍ଷ ଉଲକା ତୁଣ୍ଡା ଠାରେ ନୂତନ ଭାବେ ଉଲକାତୁଣ୍ଡା ଓ ମେଲକାତୁଣ୍ଡା ଗ୍ରାମକୁ ନେଇ ଏକ ବୁଥ୍ ସ୍ଥାପନ କରାଯାଇଛି । ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତି ବୁଥ୍‌ରେ କୋଠରୀରସ୍ଥିତି, ଦିବ୍ୟାଙ୍ଗଙ୍କ ନିମନ୍ତେ ର୍‍ୟାମ୍ପ, ପାନୀୟ ଜଳ, ବିଦ୍ୟୁତିକରଣ, କବାଟ, ଝରକା ଆଦିର ସ୍ଥିତି ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

■ବର୍ଷାରେ ଉଜୁଡ଼ିଗଲା ୩୩ ଘର

# ମିଳିଲା କେବଳ ପଲିଥିନ୍

**ରାୟଗଡା ଅଫିସ୍, ୪।୯**

ରାୟଗଡା ବ୍ଲକ୍ ଡାଙ୍ଗଲୋଡି ପଞ୍ଚାୟତ ଅନ୍ତର୍ଗତ ଖୁଞ୍ଜିଲିଙ୍ଗ ଗ୍ରାମବାସୀଙ୍କ ଦୁଃଖରେ ଜବନୀକା ପଡୁନାହିଁ । ଗୋଟିଏ ପଟେ ଦାଉ ସାଧିଲା ପ୍ରକୃତି ଅନ୍ୟପଟେ ପ୍ରଶାସନ ପଲିଥିନ ବାଣ୍ଟି ନିଜ ଦାୟୀତ୍ୱ ଶେଷ କରିଦେଇଛି । ଘର ଖଣ୍ଡିଏ ନ ଥିବାରୁ ୨ମାସ ହେବ ଗ୍ରାମବାସୀ ଗୁହାଳରେ ରହି ଆସୁଛନ୍ତି । ହେଲେ ସେମାନଙ୍କୁ ସରକାରୀ ସହାୟତା ଅଦ୍ୟାବଧି ମିଳିପାରିନାହିଁ । ସରକାରଙ୍କ ରିଲିଫ କୋଡ ଅନୁସାରେ ଯେଉଁ ଘର ଭଙ୍ଗା ସହାୟତା ମିଳିବା କଥା ତାହା ମଧ୍ୟ ମିଳିନାହିଁ । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୨୬ତାରିଖରେ ବ୍ଲକ୍ କର୍ତ୍ତୃପକ୍ଷ ଏବଂ ତହସିଲ କର୍ତ୍ତୃପକ୍ଷ ଗାଁକୁ ଯାଇ ଅନୁଧ୍ୟାନ କରିଥିଲେ ମଧ୍ୟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳରେ ଏହି ୩୩ ଗରିବ ଆଦିବାସୀ ପରିବାର ପୁରୁଷ ପୁରୁଷ ଧରି ରହୁଥିବା ନିଜ ଜାଗାକୁ ଛାଡି ଗାଁ ମୁଣ୍ଡରେ ଥିବା ଗୁହାଳରେ ମୁଣ୍ଡ ଗୁଞ୍ଜିଛନ୍ତି । ଗ୍ରାମବାସୀ କୌଣସି ଉପାୟ ନ ପାଇ ମଙ୍ଗଳବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କୁ ନିଜର ଦୁଃଖ ବଖାଣିବା ସହ ଲିଖିତ ଭାବେ ଅବଗତ କରାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ଯୋଜନାରେ ସେମାନଙ୍କୁ ସାମିଲ କରି ସମସ୍ତ ୩୩ପରିବାରକୁ ଗୃହ ପ୍ରଦାନ ନିମନ୍ତେ ଦାବି ଜଣାଇଛନ୍ତି । ଲୋକଙ୍କଠାରୁ ଅଭିଯୋଗ ପାଇବାପରେ ଅତିରିକ୍ତ ଜିଲାପାଳ ଶବର ତହସିଲଦାରଙ୍କୁ ଫୋନ୍‌କରି ତୁରନ୍ତ ଉକ୍ତ ଗ୍ରାମର କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ପୁନର୍ବାର ତହସିଲଦାର ଓ ବିଡିଓ ମିଳିତ ଭାବେ ଯୁଗ୍ମ ତଦନ୍ତ କରିବାକୁ କହିଥିଲେ । ଏକ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଗ୍ରାମବାସୀ ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓଙ୍କୁ ସାକ୍ଷାତ କରି ମଧ୍ୟ ନିଜର ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଏବିଡିଓ ନୃସିଂହଚରଣ ପଟ୍ଟନାୟକ ଯଥାଶୀଘ୍ର ଏକ ଟିମ୍ ଗାଁକୁ ଯିବ ବୋଲି ଗ୍ରାମବାସୀଙ୍କୁ କହିଥିଲେ । ଗ୍ରାମବାସୀ ଯେଉଁ ଫର୍ମ ଏ ଦାଖଲ କରିଛନ୍ତି ତାହା ଉକ୍ତ ଟିମ୍ ଅନୁଧ୍ୟାନ କରିବା ପରେ ଆବାସ ଯୋଜନାରେ ସାମିଲ୍ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ୱାର୍ଡସଭ୍ୟ ଅଜିତ ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ରାଜେନ୍ଦ୍ର କଣ୍ଡାଗରୀ, ପଲିଗା କଣ୍ଡାଗରୀ, କେପା କାଡ୍ରାକା, ସାରିତି ହିମିରିକା, ସନା ମାଣ୍ଡାଙ୍ଗୀ, ସନ୍ତୋଷ କଣ୍ଡାଗରୀ, କାର୍ତ୍ତିକ ହିମିରିକା ପ୍ରମୁଖ ଉପସ୍ଥିତ ଥିଲେ ।

**ସରକାରୀ ସହାୟତା ଦାବି**

- ■ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର
- ■ଗ୍ରାମବାସୀଙ୍କ ଦୁଃଖରେ ପଡୁନି ଜବନିକା
- ■କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ





ରାମନାଗୁଡାରେ ମିଳିତ ବିଏଡ ଶିକ୍ଷକ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ବିଏଡ୍ ଶିକ୍ଷକ ମହାସଂଘର ଏବିଇଓଙ୍କୁ ଦାବିପତ୍ର

**ରାମନାଗୁଡ଼ା,୪।୯(ଡି.ଏନ୍.ଏ.)**

୬ ଦଫା ଦାବି ନେଇ ମିଳିତ ବିଏଡ଼ ଶିକ୍ଷକ ମହାସଂଘ ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ଦାମୋଦର ହିମିରିକାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମହାସଂଘର ଏଲିମେଣ୍ଟାରୀ ଶିକ୍ଷକ, ଜିଲା ପରିଷଦ, ଶିକ୍ଷା ସହାୟକ, ନିଯୁକ୍ତ ଶିକ୍ଷକଙ୍କର ସମସ୍ତ ବିଇଡ଼ି ଡିଗ୍ରୀଧାରୀ ଶିକ୍ଷକମାନେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରାରୁ ବାହାରି ଏବିଇଓ ଅଫିସ ନିକଟରେ ପହଞ୍ଚିଥିଲା । ଆସନ୍ତା ୮ ତାରିଖ ସୁଧା କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ । ନ ହେଲେ ଆସନ୍ତା ୧୦ ତାରିଖରୁ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ବିଇଡି ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ମୂଳଦରମା ୯,୩୦୦ ଏବଂ ଗ୍ରେଡ୍ ପେ ୪୬୦୦ ସହିତ ସପ୍ତମ ବେତନ କମିଶନ ଆଧାରରେ ସଂଶୋଧନ , ୬ ବର୍ଷର ଅଭିଜ୍ଞତା ଚାକିରିକାଳ ସହିତ ସଂଯୋଗ, ୨୦୦୫ ପରେ ନିଯୁକ୍ତ ଶିକ୍ଷକଙ୍କୁ ପୁରୁଣା ପେନସନ ନୀତି ପ୍ରଣୟନ, ସପ୍ତମ ବର୍ଷର ଶିକ୍ଷକଙ୍କ ସରଳିକରଣ କରାଯାଇ ବଦଳି ବ୍ୟବସ୍ଥା, ଚାକିରି କାଳରେ ମୃତ୍ୟୁବରଣ କରୁଥିବା କନିଷ୍ଠ ଏବଂ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୨ ଲକ୍ଷ ପରିବର୍ତ୍ତେ ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଇତ୍ୟାଦି ଦାବି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଲଳିତ ଚୌଧୁରୀ, ପୂର୍ଣ୍ଣ ପାସପୁଝିଙ୍କଙ୍କ ସହିତ ଶିକ୍ଷକ ନେତା ଅଶ୍ୱିନୀ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ରମେଶ ମିଶ୍ର, ଦୁର୍ଗା ପାଣିଗ୍ରାହୀ, କେ. ଲଳିତା କୁମାରୀ, ଦୁର୍ଗା ଶତପଥି ଯୋଗଦେଇଥିଲେ । ସୁରେଶ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ରାୟଗଡା ଅଫିସ୍, ୪।୯**

ଓଡ଼ିଶା ମିଳିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ରାୟଗଡା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାୟଗଡା ମଣ୍ଡଳ ସଂଘ ସଭାପତି ସୁରେଶ ପଟ୍ଟନାୟକ, ନରେଶ ସୁଆଲସିଂ, ଗଙ୍ଗାରାଜୁ ପ୍ରସାଦ ବ୍ରହ୍ମା, ବାବୁଲା ଗରଡିଆ, ଆନନ୍ଦ ତାଡିଙ୍ଗୀ, ପ୍ରଣତୀ ହିମିରିକା ଏହି ଦାବିପତ୍ର ପ୍ରଦାନ କରିଥିଲେ । ଆସନ୍ତା ୬ ତାରିଖରୁ ସମସ୍ତ ଶିକ୍ଷକ ସମୂହ ଛୁଟିରେ ଯିବା ସହ ରାଜ୍ୟସ୍ତରରେ ହେବାକୁ ଥିବା ଧାରଣାରେ ଯୋଗଦେବେ । ଦାବିପତ୍ର ପ୍ରଦାନ ବେଳେ ରମେଶ ଚନ୍ଦ୍ର ସାହୁ, ପ୍ରମୋଦ ଦାସ ଉପସ୍ଥିତ ଥିଲେ ।

## ଶିଶୁର ପରିପୂରକ ଖାଦ୍ୟାଭ୍ୟାସ ସଚେତନତା କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୪।୯**

ରାୟଗଡା ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଉଦ୍ୟମରେ ମଙ୍ଗଳବାର ରାୟଗଡା ସହରରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନ ପରିସରରେ ଶିଶୁର ପରିପୂରକ ଖାଦ୍ୟାଭ୍ୟାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ସିଡିଏମ୍‌ଓ ଡା. ବିମଳାପ୍ରସାଦ ସାହୁ, ରାୟଗଡା ବ୍ଲକ୍ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ରାୟଗଡା ପିଏଆଇଟିଡିଏ ଟୁକୁ ବାରିକ, କୃଷି ବିଭାଗର ଡେପୁଟି ଡାଇରେକ୍ଟର ରବିନ୍ଦ୍ରନାଥ ଖୁଣ୍ଟିଆ, ଗୁଣପୁର ପିଏଆଇଟିଡିଏ ଗୌରାଚାନ୍ଦ ଗମାଙ୍ଗ, ୟୁନିସେଫ୍‌ର କନ୍‌ସଲଟେଣ୍ଟ କସ୍ତୁରୀ ପଣ୍ଡା, ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଆଦିପତି କଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜନସଚେତନତା ନିମନ୍ତେ ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଜିଲାପାଳ ଶୁଭାରମ୍ଭ କରିଥିଲେ । ଏହି ରଥ ରାୟଗଡା ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶିଶୁର ଖାଦ୍ୟାଭ୍ୟାସ ସମ୍ପର୍କରେ ସଚେତନତା କରାଇବ । ଏହାପରେ କୃଷ୍ଣଚନ୍ଦ୍ର ନଗର ଭବନ ପରିସରରେ ଶିଶୁର ପରିପୂରକ ଖାଦ୍ୟାଭ୍ୟାସ ଉପରେ ଆଧାରିତ ଏକ ପଥପ୍ରାନ୍ତ ନାଟକର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ମହିଳା ଓ ଶିଶୁ ବିକାଶ ବିଭାଗ ଡିପିଏମ୍ ସ୍ନେହଲତା ପାଢ଼ୀ, ଜିଲା ସ୍ୱାସ୍ଥ୍ୟ ବିଭାଗର ଡିପିଏମ୍ ରାଜେଶ୍ୱର ପଟ୍ଟନାୟକ ପରିଚାଳନା କରିଥିଲେ । ବହୁ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାଧାକୃଷ୍ଣ ମନ୍ଦିରରେ ନନ୍ଦ ଉତ୍ସବ

**ରାୟଗଡା ଅଫିସ୍, ୪।୯**

ପବିତ୍ର ଜନ୍ମାଷ୍ଟମୀ ଅବସରରେ ସହରରେ ଥିବା ସମସ୍ତ ରାଧାକୃଷ୍ଣ ମନ୍ଦିରରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମଙ୍ଗଳବାର ସହରର ଦୁଇ ପ୍ରମୁଖ ମନ୍ଦିର ଖେତାନାଞ୍ଜିତୋଟାସ୍ଥିତ ରାଧାକୃଷ୍ଣ ମନ୍ଦିର ଓ ବ୍ରାହ୍ମଣସାହି ରାଧାକାନ୍ତ ମନ୍ଦିରରେ ନନ୍ଦ ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଛି । କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ଝୁଲଣ ଯାତ୍ରା ଠାରୁ ଉଭୟ ମନ୍ଦିରରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ମନ୍ଦିର ପ୍ରାଙ୍ଗଣରେ ଭାଗବତ, ଗୀତା ପଠନ, ପ୍ରବଚନ, ନାଚଗୀତ ଓ ହରିନାମ ସଂକୀର୍ତ୍ତନ କରାଯାଉଛି । ବ୍ରାହ୍ମଣ ସାହି ରାଧାକାନ୍ତ ମନ୍ଦିରର କର୍ମକର୍ତ୍ତା ଓ ଖେତାନାଞ୍ଜିତୋଟା ମନ୍ଦିରର ଶ୍ରୀକୃଷ୍ଣ ବିଜ୍ଞାନ ମହିଳା ସତ୍‌ସଙ୍ଗର ମହିଳାମାନେ ଉତ୍ସବରେ ଯୋଗଦେଇ ପରିଚାଳନା କରିଥିଲେ । ବୁଧବାର ଶ୍ରୀକୃଷ୍ଣଙ୍କ ବାଲ୍ୟ ଲୀଳା ପାଳନ କରାଯିବ ।



ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ପିଲାମାନେ ନଗର ପରିକ୍ରମା କରୁଛନ୍ତି ।

■ଆସିଲା ପ୍ରଥମ ପର୍ଯ୍ୟାୟ ଅନୁଦାନ

# ଅନିଶ୍ଚିତତାରେ ଅଡିଟୋରିୟମ ଗୃହ ନିର୍ମାଣ

**ରାୟଗଡା ଅଫିସ୍, ୪।୯**

ବହୁ ବର୍ଷର ପ୍ରତୀକ୍ଷା ପରେ ରାୟଗଡାଠାରେ ଏକ ଅଡିଟୋରିୟମ ନିର୍ମାଣ କରିବା ପାଇଁ ଅନୁଦାନ ଆସିଛି । ହେଲେ କାର୍ଯ୍ୟରେ ଅଗ୍ରଗତି ହେଉନାହିଁ । ଟେଣ୍ଡର ଶେଷହୋଇ ସ୍ଥାନ ନିରୁପଣ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ । ଏହା ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବା ଅନୁମାନ କରାଯାଉଛି । ପୌର ପରିଷଦ ଏବଂ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଘଟୁଥିବା ଜଣାପଡିଛି । ବହୁଦିନର ଦାବି ପରେ ଅଡିଟୋରିୟମ୍ ନିର୍ମାଣ ପାଇଁ ସମସ୍ତ ନଥିପତ୍ର ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଜମି ହସ୍ତାନ୍ତର ଏଥିରେ ଅନ୍ତରାୟ ସୃଷ୍ଟି କରୁଛି । ପୌର କାର୍ଯ୍ୟାଳୟ ପକ୍ଷରୁ ପୂର୍ତ୍ତ ବିଭାଗକୁ ଜମି ହସ୍ତାନ୍ତର କରାଗଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ନାମରେ ୭କୋଟି ଟଙ୍କା ବ୍ୟୟରେ ଏହାର ନିର୍ମାଣ ହେବ । ୨୫୦ଫୁଟ ଲମ୍ବା ଓ ୧୬୫ଫୁଟ ଓସାରର ଜମିରେ ୫୩୫ଜଣ ବସିବା ଭଳି ଅଡିଟୋରିୟମ୍ ନିର୍ମାଣ ପାଇଁ ଯୋଜନା କରାଯାଇଛି । ଏଥିନିମନ୍ତେ ପୂର୍ତ୍ତ ବିଭାଗ ଟେଣ୍ଡର ପ୍ରକ୍ରିୟା ଶେଷକରି ଠିକାଦାରଙ୍କ ସହ ଚୁକ୍ତି ମଧ୍ୟ ହୋଇସାରିଛି । ତେବେ ପୌର ପରିଷଦ ଅଧିନରେ ଥିବା କୃଷ୍ଣଚନ୍ଦ୍ର ନଗର ଭବନକୁ ଭାଙ୍ଗି ସେହିଠାରେ ଅଡିଟୋରିୟମ୍ ନିର୍ମାଣ କରିବାର ଯୋଜନା ରହିଛି । ହେଲେ ଏହାକୁ କିଛି ବରିଷ୍ଠ ନାଗରିକ ଓ ରାଜନୈତିକ ଦଳ ନାପସନ୍ଦ କରିଛନ୍ତି । କୃଷ୍ଣଚନ୍ଦ୍ର ନଗର ଭବନ ରାୟଗଡାର ସର୍ବ ପୁରାତନ ଭବନ । ପୂର୍ବତନ ପୌରାଧ୍ୟକ୍ଷ ତଥା ନୂତନ ରାୟଗଡା ଗଠନର ବିନ୍ଧାଣି ସାଜିଥିବା ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ନାମରେ ଏହା ନାମିତ ହୋଇଥିବାରୁ ତାହାକୁ ଭାଙ୍ଗିବା ନିମନ୍ତେ ଅସୁବିଧା ଉପୁଜୁଛି । କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ନାମରେ ଅଡିଟୋରିୟମ୍ ନିର୍ମାଣ ନିମନ୍ତେ ମଧ୍ୟ ମତ ପ୍ରକାଶ ପାଇଛି । ଏଭଳିକି ପୌର ପରିଷଦର କାଉନ୍ସିଲରମାନେ ଏହି ପ୍ରସ୍ତାବ ଦେବାରୁ ବସ୍‌ଷ୍ଟାଣ୍ଡ ଓ ବର୍ତ୍ତମାନର ନଗର ଭବନକୁ ଲାଗି ରହିଥିବା ସ୍ଥାନରେ ନୂତନ ନଗର ଭବନ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି । ୮୦ଲକ୍ଷ ଟଙ୍କା ବ୍ୟୟରେ ନୂତନ କୃଷ୍ଣଚନ୍ଦ୍ର ନଗର ଭବନ କରିବା ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ ଟେଣ୍ଡର ପ୍ରକ୍ରିୟା ହୋଇନାହିଁ । ଯଦ୍ୱାରା ପୁରୁଣା ନଗର ଭବନକୁ ଭଙ୍ଗାଯାଉନାହିଁ ଓ ନୂତନ ଅଡିଟୋରିୟମ୍ ନିର୍ମାଣ ହୋଇପାରୁନାହିଁ । ନୂତନ ଅଡିଟୋରିୟମ୍ ନିର୍ମାଣ ନିମନ୍ତେ ୩କୋଟି ୫୦ଲକ୍ଷ ଟଙ୍କାର ଅନୁଦାନ ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗକୁ ଆସିଛି । କାର୍ଯ୍ୟ ଆରମ୍ଭ ପରେ ଦ୍ୱିତୀୟ ପର୍ଯ୍ୟାୟରେ ବଳକା ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ତେବେ ସମନ୍ୱୟ ଠିକ ନ ଥିବା ଯୋଗୁ ଅଡିଟୋରିୟମ୍ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ । ବର୍ତ୍ତମାନ ସହରରେ ଅଶୋକ କଲ୍ୟାଣ ମଣ୍ଡପ ଓ କୃଷ୍ଣଚନ୍ଦ୍ର ନଗର ଭବନ ବ୍ୟତୀତ ଅନ୍ୟ କୌଣସି ବୃହତ ଭବନ ସାଂସ୍କୃତିକ କାର୍ଯ୍ୟକ୍ରମ ଠାରୁ ବିବାହ ଓ ବ୍ରତ ପାଇଁ ନାହିଁ । ତେଣୁ ଅଡିଟୋରୟିମ୍ ନିର୍ମାଣ ହେଲେ ସାଂସ୍କୃତିକ ଓ ରାଜନୈତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଣେ ବିବାହ ଓ ବ୍ରତ ଭଳି କାର୍ଯ୍ୟକ୍ରମ ନଗର ଭବନ ଏବଂ ଅଶୋକ କଲ୍ୟାଣ ମଣ୍ଡପରେ ଆୟୋଜନ ହେବ । ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନଙ୍କୁ ପଚାରିବାରୁ, ଦେଢ଼ମାସ ପୂର୍ବେ ପୌର ପରିଷଦ ପକ୍ଷରୁ କୃଷ୍ଣଚନ୍ଦ୍ର ନଗର ଭବନ ଅସୁରକ୍ଷିତ ଥିବା ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଚିଠି ଲେଖି ଅବଗତ କରାଯାଇଥିଲା । ଗତ ସୋମବାର ପୂର୍ତ୍ତ ବିଭାଗ ଉକ୍ତ ସାର୍ଟିଫିକେଟ ପ୍ରଦାନ କରିଛନ୍ତି । ବର୍ତ୍ତମାନ ନଗର ଭବନକୁ ଭାଙ୍ଗି ଖାଲି ସ୍ଥାନ ଆମେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବୁ । ଏହାପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ସେହିଭଳି ନୂତନ କୃଷ୍ଣଚନ୍ଦ୍ର ନଗର ଭବନ ପାଇଁ ଟେଣ୍ଡର ଖୁବଶୀଘ୍ର ଆହ୍ୱାନ କରାଯିବ ବୋଲି ସେ କହିଛନ୍ତି ।



କୃଷ୍ଣଚନ୍ଦ୍ର ନଗର ଭବନ ।



ଅତିଥିଙ୍କ ଗ୍ରହଣରେ ତାଲିମ ନେଉଥିବା ଯୁବତୀ ଯୁବକମାନେ ।

## ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାୟଗଡା ଅଫିସ୍, ୪।୯**

ରାୟଗଡା ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆର୍‌ଆଇସି) ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନଠାରେ ଗତ ୨୨ ତାରିଖରୁ ଚାଲିଥିବା ଉଦ୍ୟୋଗୀ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ପରିଡା ଯୋଗଦେଇ ଆହରଣ କରିଥିବା ଜ୍ଞାନର ସଦ୍‌ବିନିଯୋଗ କରି ସଫଳ ଉଦ୍ୟୋଗୀ ହେବା ନିମିତ୍ତ ତାଲିମାର୍ଥୀମାନଙ୍କୁ ପ୍ରବର୍ତ୍ତାଇଥିଲେ । ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ କହିଥିଲେ ଯେ, ସଫଳତା ପାଇଁ କୌଣସି ସହଜ ରାସ୍ତା ନାହିଁ । ପରିଶ୍ରମ ହିଁ ସଫଳତାର ଚାବି କାଠି । ତାଲିମାର୍ଥୀମାନଙ୍କୁ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇ ଉତ୍ତମ ମଣିଷ ହେବା ନିମିତ୍ତ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ରାଧାକାନ୍ତ ରାଉତରାୟ ତାଲିମାର୍ଥୀମାନଙ୍କୁ ବ୍ୟାଙ୍କ ଋଣର ଠିକ୍ ବିନିଯୋଗ ଏବଂ ସମୟାନୁସାରେ ପରିଶୋଧ କରିବା ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ତରଣୀସେନ ମେହେର ପରିଚାଳନା କରିଥିଲେ ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ